ସକାଳ THE SAKALA



## ଚାରିଛକ ପୁଲିସର ଜୁଆ ଆଡ୍ଡାରେ ଚଢ଼ଉ; ୪ ଜୁଆଡ଼ି ଗିରଫ

ଚାରିଛକ,୧୭।୫(ସମିସ): ପୁରୀ ଜିଲ୍ଲା ଅନ୍ତର୍ଗତ ଚାରିଛକ ଥାନା ପକ୍ଷରୁ ଏକ ଜୁଆ ଆଡ୍ଡା ଉପରେ ଚଢ଼ଉ କରିବା ସହ ୪ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଖବରରୁ ଜଣାଯାଇଛି ଯେ, ଚାରିଛକ ଥାନା ଏଏସ୍ଆଇ ଇନ୍ଦୁଲତା ମିଶ୍ର ପାଟ୍ରୋଲିଂ କରୁଥିବା ସମୟରେ ସଦଳବଳେ କୌଣସି ସୂତ୍ରରୁ ଖବର ପାଇ ଏହି ଥାନା ଅନ୍ତର୍ଗତ ଅଟେଇହୁଡ଼ା ଗ୍ରାମରେ ଜୁଆ ଖେଳ ହେଉଥିବା ସମୟରେ ସେଠାରେ ଚଢ଼ଉ କରିଥିଲେ। ଏହି ସମୟରେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବେଗୁନିଆ ଗ୍ରାମର ସଞ୍ଜୟ ବାରିକ(୪୦), ଗୋପ ଥାନା ଅନ୍ତର୍ଗତ ଶିମିଳି ଗ୍ରାମର ମାନସ ଆଚାର୍ଯ୍ୟ (୩୩), ବଉଳାଙ୍ଗ ଗ୍ରାମର ଗନିଆ ପଲେଇ (୪୦), ଜମରା ଗ୍ରାମର ବିଜୟ ନାୟକ (୫୭) ଙ୍କୁ ପୁଲିସ ଗିରଫ କରିବା ସହ ଗୋଟିଏ ପାଲି, ପାଲିଗୋଟି ଓ ନଗଦ ୫୬୦୦ ଟଙ୍କା, ଗ୍ୟାସ୍ ଲାଇଟର୍ ଏବଂ ପାଲିରେ ବ୍ୟବହୃତ ସରଞ୍ଜାମ ଜବତ କରିଛି।

## ସତ୍ୟବାଦୀରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ



ସାକ୍ଷୀଗୋପାଳ,୧୭।୫(ସମିସ): ଆଚାର୍ଯ୍ୟ ହରିହର ଶିଶୁ ଭବନ, ସାକ୍ଷୀଗୋପାଳ ପରିସରରେ ରବିବାର ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଳିକ ଯୋଗଦେଇ ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମଟିକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ସତ୍ୟବାଦୀ ପ୍ରେସ୍ କ୍ଲବ୍‌ର ସଭାପତି କିଶୋର ଚନ୍ଦ୍ର ମହାପାତ୍ର, ଶିଶୁ ଭବନର ସମ୍ପାଦକ ହୃଷୀକେଶ ଦାସ, ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ଅମର ଶତପଥୀ, ଆଇନଜୀବୀ ଉପେନ୍ଦ୍ର ବିଶ୍ୱାଳ, ସଂଯୋଜକ ଆର୍ଟ ଅଫ ଗିଭିଂ, ସତ୍ୟବାଦୀ ବ୍ଲକ୍ ଯୋଗଦେଇ ଆର୍ଟ ଅଫ୍ ଗିଭିଂ ଦିବସ ପାଳନ ଅବସରରେ ନିଜନିଜର ମତ ରଖିଥିଲେ। "ସେୟାର ଟୁ ସାଇନ୍' (ଦେଇଥିଲେ ପାଇ) ଥିମ୍ ଏହି ବର୍ଷ ପାଇଁ ଆହ୍ୱାନ ରହିଛି। ଅନୁଷ୍ଠାନ ସବୁବେଳେ ଦେବାରେ ଖୁସି ଅନୁଭବ କରୁଛି, ନବାରେ ନୁହେଁ। ସମସ୍ତେ ମିଳିମିଶି ନିଜ ନିଜ ସକ୍ଷମ ହିସାବରେ ସମାଜର ଦୁର୍ବଳ, ଅସହାୟ ଲୋକମାନଙ୍କୁ ଦେବା, ଯେଉଁମାନେ ମୁହଁ ଖୋଲି କହିପାରନ୍ତି ନାହିଁ ବା ନିଜର ଆବଶ୍ୟକତା ସମ୍ବନ୍ଧରେ ପ୍ରକାଶ କରିପାରନ୍ତି ନାହିଁ। ଏହା ହିଁ ଆଜିର ଆହ୍ୱାନ। ଅନୁଷ୍ଠାନର ଅଧୀକ୍ଷକ ସୁବୋଧ କୁମାର ସ୍ୱାଇଁ, ମିନାକ୍ଷୀ ବାରିକ, କବିତା ପାତ୍ର, ଲକ୍ଷ୍ମୀଧର ସାହୁ, ପ୍ରମୋଦ ଜେନା, ସ୍ୱର୍ଣ୍ଣଲତା ନାୟକ, ଚତୁର୍ଭୁଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଅନ୍ତେବାସୀମାନଙ୍କୁ ଖାତା, ପେନ୍ ଓ ଅଂଶଗ୍ରହଣ ମାନପତ୍ର ପ୍ରଦାନ କରାଯାଇଥିଲା। ସତ୍ୟବାଦୀ ବ୍ଲକ୍ ସଂଯୋଜକ ଉପେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



ନିମାପଡ଼ା,୧୭।୫(ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପୁରୀ ଜିଲ୍ଲା ଶାଖା ତରଫରୁ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଓଡ଼ିଶାର ବିଭିନ୍ନ ଅନୁଦାନପ୍ରାପ୍ତ ଏବଂ ଅଣଅନୁଦାନ ମହାବିଦ୍ୟାଳୟରେ ୧ ଜୁନ୍ ୨୦୦୮ରୁ ୧ ଜୁନ୍ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ପାଇଁ ଗତ ଶୁକ୍ରବାର ଭୁବନେଶ୍ୱର ତୋଷାଳୀ ଭବନସ୍ଥିତ "ଆମ ଗୌରବ ଆମ କଲେଜ' କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଉଚ୍ଚସ୍ତରୀୟ କମିଟି ସହ ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଅନ୍ତିମ ପର୍ଯ୍ୟାୟ ଆଲୋଚନା ସଫଳତାର ସହ ସମାହିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଏକାମ୍ର ବିଧାୟକ ବାବୁ ସିଂ ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ଆଲୋଚନା ଅନୁଷ୍ଠିତ ହୋଇଥିଲା। ସଂଘ ପକ୍ଷରୁ ପ୍ରକାଶ ଯେ, ଆସନ୍ତା ଜୁନ୍ ୬ ଉଚ୍ଚସ୍ତରୀୟ କମିଟିର କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ କମିଟି ତା'ର ରିପୋର୍ଟ ପ୍ରଦାନ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରବିବାର ସଂଘ ତରଫରୁ ପୁରୀ ଜିଲ୍ଲାର ବ୍ୟବସ୍ଥା ପ୍ରମୁଖ ଅଧ୍ୟାପକ ଜୀବନ ଦାଶଙ୍କ ନେତୃତ୍ୱରେ ପୁରୀ ଜିଲ୍ଲା ଶାଖା ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସମ୍ବର୍ଦ୍ଧନା ପର୍ବରେ ପୁରୀ ଜିଲ୍ଲା ଗୋପ ଖଣ୍ଡ ସଂଯୋଜକ ଡ. ବନମାଳୀ ବେହେରା, ଡେଲାଙ୍ଗ ମହାବିଦ୍ୟାଳୟ ସଂଯୋଜକ ସୁବାସ ଚନ୍ଦ୍ର ସେଠୀ, ଅଧ୍ୟାପକ ସ୍ୱୟଂ ବିକାଶ ରଥ, ଅଧ୍ୟାପିକା ଶୁଭଲକ୍ଷ୍ମୀ ବରାଳଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଯୋଗଦେଇଥିଲେ।

### ଡେଲାଙ୍ଗରେ ବୋମାମାଡ଼ ଓ ଗୁଳିକାଣ୍ଡ ଘଟଣା

# ଅଟକ ୪ ବ୍ୟକ୍ତିଙ୍କୁ ଛାଡ଼ିବା ପ୍ରତିବାଦରେ ପ୍ରତିପକ୍ଷଙ୍କ ଧାରଣା

ଡେଲାଙ୍ଗ,୧୭।୫(ସମିସ)



ଡେଲାଙ୍ଗ ଥାନା ଗୋଡ଼ିପୁଟ ମାଟିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ହରିପୁର କଲେଜ ପଛପଟେ ଥିବା ଫାର୍ମ ହାଉସ୍‌ରେ ଗତ ୧୪ ତାରିଖ ଦିନ ବୋମାମାଡ଼ ଓ ଗୁଳିକାଣ୍ଡ ଘଟିଥିଲା। ଏହି ଘଟଣାରେ ୨ଜଣ ଆହତ ହୋଇଥିଲେ। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ପୁଲିସ ଥାନାରେ ଅଟକ ରଖିଥିବା ବେଳେ ଶନିବାର କୋର୍ଟ ଚାଲାଣ କରିବା ପରିବର୍ତ୍ତେ ପିଆର୍ ବଣ୍ଡରେ ପୁଲିସ ସେମାନଙ୍କୁ ଛାଡ଼ିଦେବା ଘଟଣାକୁ ଆହତଙ୍କ ପରିବାର ସହଜରେ ଗ୍ରହଣ କରିପାରିନାହାନ୍ତି। ଫଳରେ ରବିବାର ଡେଲାଙ୍ଗ ଥାନା ସମ୍ମୁଖରେ ପ୍ରସନ୍ନ ପଣ୍ଡାଙ୍କ ନେତୃତ୍ୱରେ ଆହତଙ୍କ ପରିବାର ସଦସ୍ୟଙ୍କ ସହିତ ୫୦ରୁ ଅଧିକ ମହିଳା ଓ ପୁରୁଷ ଧାରଣା ଦେଇ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଡେଲାଙ୍ଗ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଆନ୍ଦୋଳନକାରୀଙ୍କୁ ଡାକି ବୁଝାସୁଝା କରିଥିଲେ। ହେଲେ ସେମାନେ ତାଙ୍କ ଜିଦିରେ ଅଟଳ ରହିବାରୁ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ଖବର ପାଇ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଡେଲାଙ୍ଗ ହରିପୁର ବୋମାମାଡ଼ ଘଟଣାର ସଠିକ୍ ତଦନ୍ତ କରାଯାଇ ସମ୍ପୃକ୍ତ ଅଭିଯୁକ୍ତ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଏହି ବୋମାମାଡ଼ ଘଟଣାରେ ଅଟକ ଥିବା ୪ଜଣ ବ୍ୟକ୍ତିଙ୍କୁ ପୁଲିସ ପିଆର୍ ବଣ୍ଡରେ ଛାଡ଼ିଛି। ସେମାନେ ପୁଲିସକୁ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବେ। ଯଦି ଏମାନଙ୍କ ମଧ୍ୟରୁ ବୋମାମାଡ଼ ଓ ଗୁଳିକାଣ୍ଡ ଘଟଣାରେ କୌଣସି ବ୍ୟକ୍ତି ସମ୍ପୃକ୍ତ ଥାଏ ତେବେ ତାଙ୍କୁ ଗିରଫ କରାଯିବା ସହିତ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏନେଇ ମହିଳାମାନେ ଏସ୍‌ଡିପିଓ ଶ୍ରୀ ମିଶ୍ରଙ୍କୁ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସହ ଦୁଇ ଗାଁ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିବାରୁ ପୁଲିସ ସୁରକ୍ଷା ଯୋଗାଇଦେବା, ବେଆଇନ ଖଣି ଖନନ ବନ୍ଦ କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ଏହି ଘଟଣାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଧାରଣା ଦେବାକୁ ମହିଳାମାନେ ଚେତାବନୀ ଦେଇଛନ୍ତି। ସଲିଳା ସାମନ୍ତରାୟ, ପ୍ରମିଳା ବିଧାର, ଶୁଭାସିନି ବଳିୟାରସିଂହ, ଗାୟତ୍ରୀ ଜେନା, ପୁଷ୍ପାଞ୍ଜଳି ଜେନା, ନିଶାମଣି ପରିଡ଼ା, ରଜନୀ ସାହୁ, ସସ୍ମିତା ଜେନା, ସୁନିତା ଦାଶ ପ୍ରମୁଖଙ୍କ ସହିତ ଅନ୍ୟମାନେ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ପ୍ରକାଶଥାଉ କି, ବୋମାମାଡ଼ ଓ ଗୁଳିକାଣ୍ଡ ଘଟଣାରେ ୨ ଜଣ ଆହତ ହୋଇଥିଲାବେଳେ ପ୍ରବୀର ଜେନାଙ୍କ ଅଭିଯୋଗକ୍ରମେ ଡେଲାଙ୍ଗ ଥାନାରେ ୧୩୬/୨୬ରେ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୋଗ ଆଧାରରେ ଡେଲାଙ୍ଗ ପୁଲିସ ଦୁଇଦିନ କାଳ ୪ ଜଣଙ୍କୁ ଅଟକ ରଖି ପଚରାଉଚରା ପରେ ଶନିବାର ସେମାନଙ୍କୁ ପିଆର୍ ବଣ୍ଡରେ ଛାଡ଼ିଥିଲା।

## ନାଳ ଖନନ ଓ ଦଳସଫା ନାଁରେ ବ୍ୟାପକ ଅନିୟମିତତା ଅଭିଯୋଗ

କୁଣ୍ଢେଇ,୧୭।୫(ସମିସ): କାକଟପୁର, ଅସ୍ତରଙ୍ଗ, ଗୋପ, ନିମାପଡ଼ା ଆଦି ୪ଟି ବ୍ଲକ୍ ଅଞ୍ଚଳର ୪ଟି ସେକ୍ସନକୁ ନେଇ ନିମାପଡ଼ା ଡ୍ରେନେଜ୍ ବିଭାଗ ସବ୍‌ଡିଭିଜନ ଗଠିତ। ପୂର୍ବରୁ ଏହି ସବ୍‌ଡିଭିଜନଟି ନିମାପଡ଼ାଠାରେ ଏକ ଭଡ଼ା ଘରେ ଚାଲୁଥିଲା। କିନ୍ତୁ ଗତ ୨ ବର୍ଷ ଧରି ନିମାପଡ଼ା ଡ୍ରେନେଜ୍ ବିଭାଗ ସବ୍‌ଡିଭିଜନ କେଉଁଠି ଚାଲିଛି ତାହା ଲୋକେ ଜାଣିପାରୁ ନ ଥିବାବେଳେ ସବ୍‌ଡିଭିଜନ ଏସ୍‌ଡିଓଙ୍କୁ ମିଳିଥିବା ସରକାରୀ ଗାଡ଼ି, କନିଷ୍ଠ ଯନ୍ତ୍ରୀଙ୍କ ମୋଟର ସାଇକଲ ଡିକିରେ ସବ୍‌ଡିଭିଜନର ସମସ୍ତ କାର୍ଯ୍ୟର ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ରହୁଥିବା ଠିକାଦାର ଓ କର୍ମଚାରୀ ଛକ ବଜାରରେ ଚର୍ଚ୍ଚା କରୁଛନ୍ତି। ଏସ୍‌ଡିଓ ଏବଂ ଯନ୍ତ୍ରୀମାନେ ନିମାପଡ଼ାଠାରେ ଘରଭଡ଼ା ନେଇ ରହୁଛନ୍ତି ବୋଲି କାଗଜପତ୍ରରେ ଦର୍ଶାଇଛନ୍ତି କିନ୍ତୁ ବାସ୍ତବରେ କିଏ କେତେବେଳେ ଆସି କାର୍ଯ୍ୟ ତଦାରଖ କରୁଛନ୍ତି ସେ ବିଷୟରେ କେହି କିଛି କହିପାରୁନାହାନ୍ତି। ଏହି ସବ୍‌ଡିଭିଜନରେ ଆବଶ୍ୟକ ନ ଥାଇ ବହୁ ଅନାବଶ୍ୟକ ସ୍ଥଳେ ବିନା ଟେଣ୍ଡରରେ ନେତାଙ୍କ ଚିଠାରେ ଦଳୀୟ କର୍ମୀମାନେ ଲକ୍ଷ ଲକ୍ଷ ଟଙ୍କାର କାମ ପାଉଥିବାବେଳେ ନାଳ ଖନନ ଓ ପ୍ରାଚୀ, କାଦୁଆ, ନଦୀରୁ ଦଳ ସଫା ନାଁରେ ଲକ୍ଷ ଲକ୍ଷ ଟଙ୍କାର ବିଲ୍ ପୈଠ ପାଇଁ ସବ୍‌ଡିଭିଜନ କାର୍ଯ୍ୟାଳୟରୁ ପୁରୀ ଡିଭିଜନ କାର୍ଯ୍ୟାଳୟକୁ ଯାଇଥିବା ଏହି ବିଭାଗର କେତେକ କର୍ମଚାରୀ ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି।

**ଭିଜିଲାନ୍ସ ତଦନ୍ତ ଦାବି**

କାକଟପୁର ଅଞ୍ଚଳରେ ପ୍ରବାହିତ ପ୍ରାଚୀ ନଦୀର ରୋହଣା ମଠ, ବିଶ୍ୱାମିତ୍ର ମଠ, ମା' ମଙ୍ଗଳାଙ୍କ ଘଟ ତୋଳା ତୁଠ, ଦେଉଳି ମଠ, ପଞ୍ଚବଟୀ ମଠ ନିକଟରେ ପ୍ରାଚୀ ନଦୀ ଶୁଖି ନଦୀରେ ଅନାବନା ଗଛର ଜଙ୍ଗଲ ସୃଷ୍ଟି ହୋଇଛି। ଏହାକୁ ଖନନ ନ କରି ଏହି ନଦୀର ଏକାଧିକ ସ୍ଥାନରୁ ଦଳ ସଫା ଆଳରେ ଲକ୍ଷ ଲକ୍ଷ ଟଙ୍କା ବିଲ୍ ଗତ ମାର୍ଚ୍ଚ ମାସରେ ହୋଇଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଏହା ସହ ନିମାପଡ଼ା ଡ୍ରେନେଜ ବିଭାଗ ସବ୍‌ଡିଭିଜନ ଗତ ୨ ବର୍ଷ ମଧ୍ୟରେ କେଉଁ କାର୍ଯ୍ୟ ପାଇଁ କେତେ ଟଙ୍କାର ବିଲ୍ ପୈଠ କରିଛି ଓ କେତେ ବାକି ରହିଛି ଏହାର ଭିଜିଲାନ୍ସ ତଦନ୍ତ ଦାବି ହୋଇଛି। କେବଳ ସେତିକି ନୁହେଁ, ଏହି ସବ୍‌ଡିଭିଜନକୁ ମିଳିଥିବା ସରକାରୀ ଗାଡ଼ିର ବ୍ୟାପକ ଅପବ୍ୟବହାର ସାଙ୍ଗକୁ ଏହି ଗାଡ଼ି ସରକାରୀ କାର୍ଯ୍ୟ ପରେ କାର୍ଯ୍ୟାଳୟର ଗ୍ୟାରେଜ୍ ଗୃହରେ ନ ରହି କୁଆଡ଼େ ପ୍ରତିଦିନ ଯାଉଛି ଏବଂ କେଉଁଠି ରହୁଛି ଏ ଦିଗରେ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରି ଅଭିଯୋଗ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ, ଯଦି ଏଭଳି କାର୍ଯ୍ୟ ହୋଇଥିବ ତେବେ ତାହା ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପୋଖରୀରେ ବୁଡ଼ି ଶିଶୁପୁତ୍ର ଓ ବୃଦ୍ଧଙ୍କ ମୃତ୍ୟୁ

**କଣାସ,୧୭।୫(ସମିସ):** କଣାସ ବ୍ଲକ୍ ସିରେଇ ଗ୍ରାମପଞ୍ଚାୟତ ପଣିଆପଡ଼ା ଗ୍ରାମର ହରମୋହନ ମାନସିଂହଙ୍କ ଶିଶୁପୁତ୍ର ପ୍ରିୟାଂଶୁ ମାନସିଂହ (୨ ବର୍ଷ ୨ ମାସ)ର ଶନିବାର ସକାଳେ ଘର ପାଖରେ ଥିବା ବଡ଼ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୋଖରୀକୁ ଗୋଡ଼ ଧୋଇବାକୁ ଆସି ଗଭୀର ଜଳକୁ ଖସିଯାଇଥିଲା। ପରିବାର ଲୋକ କିଛି ସମୟ ପରେ ପୋଖରୀରେ ଖୋଜିବାରୁ ନିସ୍ତେଜ୍ ଶରୀର ମିଳିଥିଲା। ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

ସେହିପରି କଣାସ ଗ୍ରାମପଞ୍ଚାୟତର କଣାସ ଗ୍ରାମର ଦୁଃଖିଶ୍ୟାମ ପ୍ରଧାନ (୫୯)ଙ୍କର ଶନିବାର ପୋଖରୀରେ ବୁଡ଼ିଯାଇ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଦୁଃଖିଶ୍ୟାମ ଦିନ ୨ଟା ସମୟରେ ପୋଖରୀରେ ଗାଧୋଉଥିବା କିଛି ଲୋକ ଦେଖିଥିଲେ। ସନ୍ଧ୍ୟା ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକ ପୋଖରୀକୁ ଯାଇ ଖୋଜାଖୋଜି କରିଥିଲେ। ଖୋଜିବା ସମୟରେ ଦୁଃଖିଶ୍ୟାମଙ୍କ ନିସ୍ତେଜ୍ ଶରୀର ପୋଖରୀରୁ ମିଳିଥିଲା। ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଉଥିବା ସମୟରେ ଡାକ୍ତର ଦୁଃଖିଶ୍ୟାମଙ୍କର ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ।

## କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆର୍ଟ ଅଫ୍ ଗିଭିଂ ଦିବସ



କଣାସ,୧୭।୫(ସମିସ): କଣାସ ବ୍ଲକ୍‌ର କଣାସଠାରେ ପ୍ରତିଷ୍ଠିତ ବହୁ ପୁରାତନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର କଣାସ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡମ୍ବରୁଧର ଛୁଆଳସିଂହଙ୍କ ତତ୍ତ୍ୱାବଧାନରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ଆଲୋଚନାଚକ୍ରରେ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସମ୍ପାଦକ ତଥା ପୁରୀ ଜିଲ୍ଲା ଓଷ୍ଟାର ପ୍ରାକ୍ତନ ସମ୍ପାଦକ ମହେନ୍ଦ୍ର କୁମାର ରଣସିଂହ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସମାଜ ପ୍ରତି ମହାନ ଅବଦାନ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ। ସମାଜକୁ ଦେବା ପାଇଁ ଆମର ମାନସିକତାର ପରିବର୍ତ୍ତନ ଆବଶ୍ୟକତା ରହିଛି। ଏହି ଗୁଣ ବହୁତ ପୂର୍ବରୁ ଆମ ପରିବାର ସମାଜରେ, ଓଡ଼ିଆ ସଂସ୍କୃତିରେ ପ୍ରଚଳିତ ରହିଆସିଛି। ଆଜି ଧୀରେ ଧୀରେ ସେଗୁଡ଼ିକ ଭୁଲିଯାଇଛି। ତେଣୁ ଡ. ସାମନ୍ତ ଏହି କଥାକୁ ଉପଲବ୍ଧି କରି ୨୦୧୩ରୁ ଲୋକମାନଙ୍କ ମଧ୍ୟରେ ପୁନଃ ଜାଗରଣ ନିମନ୍ତେ କାର୍ଯ୍ୟକ୍ରମ କରିଚାଲିଛନ୍ତି। ଯାହା ଶତାଧିକ ଦେଶରେ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ହୋଇପାରିଛି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଭାଗିରଥି ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ସୁଲେଖା ମହାପାତ୍ର, ସମାଜସେବୀ ରବୀନ୍ଦ୍ରନାଥ ରାଉତରାୟ, ସାମ୍ବାଦିକ ସମୀର କେଶରୀ ବଳିୟାରସିଂହ, ସଞ୍ଜୟ ଛୁଆଳସିଂହ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କଣାସ ମହାବିଦ୍ୟାଳୟର ପ୍ରାକ୍ତ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଜେନା ପରିଚାଳନା କରିଥିଲେ।

## ରବିଶଙ୍କରଙ୍କ ଜନ୍ମ ଉତ୍ସବ ପାଳିତ



ପୁରୀ,୧୭।୫(ସମିସ): ପୁରୀ ଆର୍ଟ ଅଫ୍ ଲିଭିଙ୍ଗ୍ ପକ୍ଷରୁ ସଦଗୁରୁ ପଦ୍ମବିଭୂଷଣ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ୭୦ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ପ୍ରଭାତରେ ଗୁରୁ ପ୍ରଦୀପ ସାହୁ, ଅଶୋକ ମିଶ୍ର, ଗୀତା ଜେମାଙ୍କ ତତ୍ତ୍ୱାବଧାନରେ ଗୁରୁଜୀଙ୍କ ଦ୍ୱାରା ପ୍ରଦତ୍ତ ସୁଦର୍ଶନ କ୍ରିୟା କରାଯାଇଥିଲା। ଏହା ପରେ ପ୍ରଶିକ୍ଷକ ସୁବାସ ଦାଶଙ୍କ ଦ୍ୱାରା ଗୁରୁ ପୂଜା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଦହି ସରବତ ବଣ୍ଟନ କରାଯାଇଥିଲା। ସନ୍ଧ୍ୟା ସମୟରେ ଭାଗବତ ପଠନ ଓ ମହାସତ୍‌ସଙ୍ଗ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀଶ୍ରୀ ସେବା ସମ୍ମାନରେ ଦିବ୍ୟାଙ୍ଗ କୃତ୍ତିବାସ ଦାସ, ରାଜେଶ କୁମାର, କଣାସର ରଞ୍ଜୁଲତା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ନୃତ୍ୟ ଗୁରୁ ସୁନୀଲ ଜେନା, ଶ୍ରେଷ୍ଠ ସେବକ ଭାବେ ସଞ୍ଜୀବ ସିହ୍ନା, ପ୍ରବୀର ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆର୍ଟ ଅଫ୍ ଲିଭିଙ୍ଗ୍‌ର ମହିଳା କ୍ଲବ୍ ନେତ୍ରୀ ସଂଘମିତ୍ରା ମହାନ୍ତି ଓ ଜିଲ୍ଲା ସଂଯୋଜକ ବ୍ରଜ କିଶୋର ସାହୁଙ୍କ ସମେତ ସେବକ ମୁନା ମିଶ୍ର, ଅରୁଣ ମହାନ୍ତି, ପ୍ରଦୀପ ଚାଟାର୍ଜୀ, କାହ୍ନୁ ଚରଣ ସାହୁ, ଦେବରାଜ ଦାସ, ଭାସ୍କର ପାତ୍ର ଏବଂ ଅନ୍ୟାନ୍ୟ ସେବକ ସେବିକା ପରିଚାଳନା କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ପୁରୁଷୋତ୍ତମ ନନ୍ଦ।

## ଚାରିଛକ ଥାନା ପକ୍ଷରୁ ଆଇନ ସଚେତନତା ଶିବିର




ଚାରିଛକ,୧୭।୫(ସମିସ): ରବିବାର ମଧ୍ୟାହ୍ନରେ ଚାରିଛକ ପୁଲିସ ଏବଂ ଚାରିଛକ ପ୍ରେସ୍ କ୍ଲବ୍ ମିଳିତ ଭାବେ ନିକଟସ୍ଥ ଚନ୍ଦ୍ରମଉଳିସ୍ଥିତ ସଦାଦାସ ତୋଟା ପରିସରରେ ଥିବା ଅତିଥି ଭବନରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ଭାବେ ଲାଗୁ ହୋଇଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଜନାର୍ଦ୍ଦନ ପାଢ଼ୀ, ସମ୍ମାନିତ ଅତିଥି ଭାବେ ଚାରିଛକ ଥାନାର ଭାରପ୍ରାପ୍ତ ଅଧିକାରୀ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତିଙ୍କ ସହିତ ମାଧବ ଗ୍ରାମପଞ୍ଚାୟତ ସରପଞ୍ଚ ବାବୁରାମ ମଲ୍ଲିକ ଯୋଗଦେଇଥିଲେ। ଚାରିଛକ ପ୍ରେସ୍ କ୍ଲବ୍‌ର ସମ୍ପାଦକ ଡ. କେଦାରନାଥ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଶିଶିର ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ସୌମ୍ୟରଞ୍ଜନ ତ୍ରିପାଠୀ, ସନ୍ତୋଷ କୁମାର ଦାସ, ବିନୋଦ ପ୍ରଧାନ, ରାଜେଶ କୁମାର ଲେଙ୍କା, ବିଜୟ ବେହେରା, ଶଶିକାନ୍ତ ତ୍ରିପାଠୀ, ପ୍ରଶାନ୍ତ କୁମାର ସାହୁ, ସୁବାସ ଚନ୍ଦ୍ର ସାହୁ, ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ଆଲୋଚନାଚକ୍ରରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଶେଷରେ ସାମ୍ବାଦିକ ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ନିମାପଡ଼ା ଏନ୍‌ଏସି ପକ୍ଷରୁ ପଥ ଉତ୍ସବ



ନିମାପଡ଼ା,୧୭।୫(ସମିସ)

ନିମାପଡ଼ାର ସାଂସ୍କୃତିକ ଓ ପ୍ରଗତିର ପରିଚୟକୁ ନେଇ ଆସନ୍ତା ଜୁନ୍ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ "ଉତ୍କର୍ଷ ନିମାପଡ଼ା' ମହୋତ୍ସବ ଆୟୋଜିତ ହେବ। ତିନି ଦିନବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସାଧାରଣ ଲୋକଙ୍କ ସହଭାଗିତା ବୃଦ୍ଧି ଉଦ୍ଦେଶ୍ୟରେ ରବିବାର ସକାଳୁ ନିମାପଡ଼ା ଏନ୍‌ଏସି ପକ୍ଷରୁ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଦ୍ୱିତୀୟ ନିମାପଡ଼ା ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିମାପଡ଼ା ଜୟଶ୍ରୀ ଛକ ନିକଟରୁ ବାରବାଟୀ ପଡ଼ିଆ ପର୍ଯ୍ୟନ୍ତ ଏକ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ପାରମ୍ପରିକ ଓ ପୌରାଣିକ କଳା ସଂସ୍କୃତିର ଅପୂର୍ବ ସମାହାର ଦେଖିବାକୁ ମିଳିଥିଲା। ଲଉଡ଼ି ଖେଳ, ଘୋଡ଼ାନାଚ, ଧୁଡୁକି, ଦାସକାଠିଆ, ପାଲା, ଶଙ୍ଖ ବାଦନ, ବୀରତ୍ୱର ପ୍ରତୀକ ପାଇକନାଚ, ମନମୁଗ୍ଧକର ସଂକୀର୍ତ୍ତନ, ଘଣ୍ଟୁଆ ଏବଂ ସୁନ୍ଦର ପଥଚିତ୍ର (ଝୋଟି ଓ ରଙ୍ଗୋଲି) ମାଧ୍ୟମରେ ସାରା ଅଞ୍ଚଳ କମ୍ପି ଉଠିଥିଲା। ଏହି ସାଂସ୍କୃତିକ ପରିବେଶ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କାର୍ଯ୍ୟକ୍ରମର 'ଉତ୍କର୍ଷ ନିମାପଡ଼ା ୨.୦'ର ଜର୍ସି, କ୍ୟାପ୍, ମେଡାଲ ଏବଂ ମାସ୍କଟ୍ 'ଉତ୍କର୍ଷ ଘୋଡ଼ା'ର ଲୋଗୋ ଉନ୍ମୋଚନ କରି ଏହାର ସଫଳତା କାମନା କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ, ସଂସ୍କୃତି ପ୍ରେମୀ ଏବଂ ପ୍ରଶାସନିକ ଅଧିକାରୀମାନେ ସାମିଲ୍ ହୋଇଥିଲେ।

ଏହି ଅବସରରେ ରବିବାର ନିମାପଡ଼ାର ଟାଉନ୍ ହଲ୍‌ଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ୧୫୩ଟି ପ୍ରକଳ୍ପ ଅଧୀନରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲାବେଳେ ୩୧ଟି ମହିଳା ସମିତି ଗୃହ ନିର୍ମାଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ଗୃହ ମହିଳାମାନେ ସଭା କରିବା ପାଇଁ ବେଶ୍ ସହାୟକ ହେବ। ବିଶେଷ କରି ମହିଳା ସଶକ୍ତୀକରଣ ଏବଂ ଗ୍ରାମାଞ୍ଚଳ ବିକାଶରେ ବିଧାୟକ ପାଣ୍ଠି ଓ ସାଂସଦ ପାଣ୍ଠି ପ୍ରମୁଖ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାଦେଶ ଯାହାର ଆନୁମାନିକ ମୂଲ୍ୟ ୬ କୋଟି ୧ ଲକ୍ଷ ୬୮ ହଜାର ହେବ ବଣ୍ଟନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ତହସିଲ୍‌ଦାର ମନୋଜ କୁମାର ପ୍ରଧାନ, ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ସିଡିପିଓ ମାଧବୀ ମହାପାତ୍ର, ସାଂସଦ ପ୍ରତିନିଧି ମିନଲତା ମହାନ୍ତି, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ମିଶ୍ର, ନିମାପଡ଼ା ବ୍ଲକ୍ ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଗୋପ ବ୍ଲକ୍ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ପୂର୍ବତନ କାଉନ୍‌ସିଲର ବ୍ରଜେନ୍ଦ୍ର ପ୍ରଧାନ, ସତ୍ୟ ଭୂଷଣ ସ୍ୱାଇଁ, କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ସାଇପ୍ରୀତମ ପଟ୍ଟନାୟକ, ସରୋଜ ସାହୁ, ବଳଙ୍ଗା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ସନ୍ତୋଷ ପରିଡ଼ା, ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ନାଗବସ୍ତ ସ୍କୁଲର ପ୍ରଧାନଶିକ୍ଷକ ତ୍ରିଲୋଚନ ବେହେରା, ଶିକ୍ଷକ ଭାସ୍କର ସାହୁ, ସରସ୍ୱତୀ ସାହୁ, ମୁକେଶ ବିଶ୍ୱାଳ, ମିନର୍ଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳମଣି ସ୍ମୃତି ବିଦ୍ୟାପୀଠରେ ବନ୍ଧୁ ମିଳନ ଓ ଗୁରୁ ପୂଜନ



**ଚାରିଛକ,୧୭।୫(ସମିସ):** ଚାରିଛକ ନିକଟସ୍ଥ ବାହାରଣାସ୍ଥିତ ନୀଳମଣି ସ୍ମୃତି ବିଦ୍ୟାପୀଠ ପରିସରରେ ୧୯୯୬ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ବନ୍ଧୁ ମିଳନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ବେଶ୍ ଆନନ୍ଦ ଉଲ୍ଲାସ ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦାମୋଦର ମିଶ୍ର ସଭାପତିତ୍ୱ କରିଥିବାବେଳେ ବର୍ତ୍ତମାନର ପ୍ରଧାନଶିକ୍ଷକ ପ୍ରମେଶ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହାସହ ଅବସରପ୍ରାପ୍ତ ଶିକ୍ଷକ ଅନାଦି ଚରଣ ନାୟକ, ବଂଶୀଧର ମହାପାତ୍ର, ବିଜୟ ସ୍ୱାଇଁ, ମୁରଲୀଧର ପ୍ରଧାନ, ବଳରାମ ମହାରଣା, ଶଶାଙ୍କ ରଞ୍ଜନ ମହାନ୍ତି, ଶିଖର ପଣ୍ଡା, ସତ୍ୟବ୍ରତ ମହାନ୍ତି, ଗଙ୍ଗାଧର ସ୍ୱାଇଁ, ବର୍ତ୍ତମାନର ଶିକ୍ଷକ ଅନିଲ କୁମାର ମଲ୍ଲିକ ଓ ଶିକ୍ଷୟିତ୍ରୀ ଦ୍ରୌପଦୀ ଦେଇ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ସମାରୋହର ଶୁଭାରମ୍ଭ କରିଥିଲେ। ସମସ୍ତ ପୁରାତନ ଛାତ୍ରଛାତ୍ରୀ ଗୁରୁମାନଙ୍କ ପୂଜାର୍ଚ୍ଚନା କରି ସେମାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସଭା କାର୍ଯ୍ୟ ଆରମ୍ଭ ପୂର୍ବରୁ ଇହଧାମ ତ୍ୟାଗ କରିଥିବା ବିଦ୍ୟାଳୟର ପୂଜ୍ୟ ଶିକ୍ଷକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଏବଂ ଏହି ବ୍ୟାଚ୍‌ର ଜଣେ ବନ୍ଧୁଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ବ୍ୟାଚ୍‌ର ସଦସ୍ୟ ମାନିଜା ବିଶ୍ୱାଳ, ପ୍ରଶାନ୍ତ ପ୍ରଧାନ, ସୁବାସ ପରିଡ଼ା, ରାଜୀବ ମଲ୍ଲ, ସୁଶାନ୍ତ ସ୍ୱାଇଁ, ନରହରି ବାରିକ, ସୁଶାନ୍ତ ରାଉତ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଜୟନ୍ତୀ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଂସଦଙ୍କ ଗାଡ଼ିକୁ ଅଣ୍ଡାମାଡ଼ ଚର୍ଚ୍ଚା

ଖୋର୍ଦ୍ଧା, ୧୭।୫(ସମିସ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ମାଣିକାଗୋଡ଼ା ଗ୍ରାମରେ ଆୟୋଜିତ ଏକ ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଯାଉଥିବା ବେଳେ ତାଙ୍କ ଗାଡ଼ିକୁ କେହି ଦୁର୍ବୃତ୍ତ ଅଣ୍ଡାମାଡ଼ କରିଥିବା ଚର୍ଚ୍ଚା ହେଉଛି । ମିଳିଥିବା ସୂଚନା ଅନୁସାରେ ସାଂସଦଙ୍କ କାରକେଡ଼ ୫୭ନଂ. ଜାତୀୟ ରାଜପଥରେ ଯାଉଥିବାବେଳେ ବୋଲଗଡ଼ ଥାନା ବ୍ରହ୍ମପୁରା ନିକଟରେ କେହି ଦୁର୍ବୃତ୍ତ ସାଂସଦଙ୍କ ଗାଡ଼ି ଉପରକୁ ଅଣ୍ଡା ଫିଙ୍ଗିଥିବା କୁହାଯାଉଛି । ଏନେଇ ଥାନାରେ କୌଣସି ଏତଲା ହୋଇନାହିଁ କି ସାଂସଦ ଷଡ଼ଙ୍ଗୀଙ୍କର ପ୍ରତିକ୍ରିୟା ମିଳି ପାରିନାହିଁ ।

ସୂଚନା ମୁତାବକ, ଅଣ୍ଡା ସାଂସଦଙ୍କ ଗାଡ଼ିରେ ନ ବାଜି ତଳେ ପଡ଼ିଥିବା କୁହାଯାଉଛି । ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଏତଲା ଦିଆଯାଇନାହିଁ । ବିଜେପି ମଧ୍ୟରେ ଥିବା ଗୋଷ୍ଠୀ କନ୍ଦଳ କିମ୍ବା ଅସନ୍ତୁଷ୍ଟ ଗୋଷ୍ଠୀ ଏମିତି କାଣ୍ଡ ଭିଆଇ ଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । କିନ୍ତୁ, ଘଟଣାର କାରଣ କିଛି ସ୍ପଷ୍ଟ ହୋଇନାହିଁ ।

## ନୂଆ ଜଗନ୍ନାଥ ରୋଡ୍‌ରୁ ବାଲି ବୋଝେଇ ୨ ହାଇୱା ଜବତ

ନିରାକାରପୁର, ୧୭।୫(ସମିସ): ନିରାକାରପୁର ପୁଲିସ ଦୁଇଟି ବାଲି ବୋଝେଇ ହାଇୱା ଟ୍ରକକୁ ଜବତ କରିଛି । ସୂଚନା ଅନୁଯାୟୀ, ନୂଆ ଜଗନ୍ନାଥ ରୋଡ୍ ଦେଇ ପୁରୀ ଆଡ଼କୁ ବାଲି ବୋଝେଇ ହୋଇ ଦୁଇଟି ହାଇୱା ଗାଡ଼ି ଯାଉଥିବା ସମୟରେ ନିରାକାରପୁର ପୁଲିସ ଚଢ଼ଉ କରି ଗାଡ଼ି ଦ୍ୱୟକୁ ଅଟକାଇଥିଲା । ଗାଡ଼ିର ବାଲି



ପରିବହନ ନେଇ ଆବଶ୍ୟକୀୟ କାଗଜପତ୍ର ନଥିବାରୁ ପୁଲିସ ହାଇୱା ଦୁଇଟିକୁ ଜବତ କରି ଥାନାକୁ ଆଣିଛି । ଏନେଇ ନିରାକାରପୁର ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି । ପୁଲିସ ଏହି ଘଟଣାରେ ଅଧିକ ତଦନ୍ତ ଚଳାଇଛି ।

## 'ଆର୍ଟ ଅଫ୍ ଗିଭିଂ' ଦିବସ ପାଳିତ



ବାଣପୁର, ୧୭।୫(ସମିସ): ବାଣପୁର ବ୍ଲକ ଅନ୍ତର୍ଗତ ସାନହନ୍ତୁଆଡ ଗ୍ରାମ ଭଲିବଲ୍ ଆସୋସିଏସନ୍ ଓ ମା'ଭଗବତୀ ଗ୍ରାମୀଣ ସ୍ପୋର୍ଟସ ଏକାଡେମୀର ମିଳିତ ଆନୁକୂଲ୍ୟରେ ବାଣପୁର ବ୍ଲକର ବିଭିନ୍ନ ଗ୍ରାମରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଯାଇଛି । ଜାତୀୟ ଭଲିବଲ୍ ରେଫରି ବିଭୂଦେନ୍ଦୁ ମାନସିଂହଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନାଟ୍ୟ ଗୌରବ ମହେଶ୍ୱର ଜେନା ଅତିଥି ଭାବେ ଯୋଗ ଦେଇ କ୍ରୀଡାବିତ୍‌ମାନଙ୍କୁ ଆର୍ଟ ଅଫ୍ ଗିଭିଙ୍ଗ ଦିବସ ପାଳନର ମହତ୍ତ୍ୱ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିବା ସହ ଭଲିବଲ ଖେଳାଳିମାନଙ୍କୁ ଭଲିବଲ୍ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ ।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଷ୍ଟ୍ରକଚର

● ଅଘଟଣ ଆଶଙ୍କା

ବେଗୁନିଆ, ୧୭।୫(ସମିସ): ବେଗୁନିଆ ସଦର ମହକୁମା ସ୍ଥିତ ନୂଆସାହିରେ ବରିଷ୍ଠ ନାଗରିକ ସତ୍ୟ ନାରାୟଣ ପଟ୍ଟନାୟକଙ୍କ ଘର ସମ୍ମୁଖରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଷ୍ଟ୍ରକଚର ବିପଦସଙ୍କୁଳ ଅବସ୍ଥାରେ ରହିଛି । ଏଥିରେ ବ୍ୟବହୃତ ଲୁହା ଖୁଣ୍ଟ



ଉପରେ ଥିବା ଟ୍ରାନ୍ସଫର୍ମର ସହ ସମ୍ପୂର୍ଣ୍ଣ ଷ୍ଟ୍ରକଚରଟି ମୂଳଦୁଆ ଦୁର୍ବଳ ଥିବାରୁ ରାସ୍ତା ପାର୍ଶ୍ୱକୁ ଢଳି ପଡ଼ିଛି । ବର୍ଷା ଓ ପବନ ଯୋଗୁଁ ଦିନକୁ ଦିନ ଆହୁରି ଢଳୁଥିବାବେଳେ ରାସ୍ତା ଦେଇ ପ୍ରତିଦିନ ସ୍କୁଲ ପିଲା, ବୃଦ୍ଧ ଓ ସାଧାରଣ ଲୋକ ଯାତାୟାତ କରୁଥିବାବେଳେ ସେମାନଙ୍କ ପ୍ରତି ବିପଦ ଦେଖାଦେଇଛି । ଧନଜୀବନ ହାନି ହେବା ଆଗରୁ ବିଦ୍ୟୁତ୍ ବିଭାଗ ପୁରୁଣା ଷ୍ଟ୍ରକଚରକୁ ହଟାଇ ମଜବୁତ ନୂତନ ଷ୍ଟ୍ରକଚର ସ୍ଥାପନ କରିବାକୁ ସଚେତନ ନାଗରିକ ଓ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି । ଘଟଣା ସମ୍ପର୍କରେ ଟିପିସିଓଡିଏଲର ଉପଖଣ୍ଡ ଅଧିକାରୀ ଗୌରାଙ୍ଗ ଚନ୍ଦ୍ର ମଣ୍ଡଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଘଟଣା ସମ୍ପର୍କରେ ସେ ଅବଗତ ନଥିଲେ । ତୁରନ୍ତ ସ୍ଥାନ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ନିଆଯିବ ।

କମିସନରେଟ୍ ପୁଲିସ ଆରମ୍ଭ କଲା କନ୍‌ଭେ ପାଟ୍ରୋଲିଂ

# ଭିଡ଼ହିଂସା ରୋକିବାକୁ ପୁଲିସର ମକ୍‌ଡ୍ରିଲ୍

କଟକ,୧୭।୫(ସମିସ)

ବାଲିଅନ୍ତା ଭିଡ଼ ହିଂସା ଘଟଣା ପରେ କଟକ କମିସ ନରେଟ ପୁଲିସ ସଜାଗ ହୋଇଛି । ସହରରେ ଅପରାଧ ରୋକିବା ପାଇଁ ଆଜି ଠାରୁ କନ୍‌ଭେ ପାଟ୍ରୋଲିଂ ଆରମ୍ଭ କରାଯାଇଛି । ଏହିକ୍ରମରେ ରବିବାର ସମ୍ଭାବ୍ୟ ଭିଡ଼ ହିଂସା ଘଟଣାକୁ କିଭଳି ରୋକାଯିବ ସେନେଇ ମକଡ୍ରିଲ ମଧ୍ୟ କରାଯାଇଛି । କଟକ ଯୁପିଡ଼ିର ଜୋନ-୫ ଏସିପି ସୁଧାଂଶୁ ଜେନାଙ୍କ ନେତୃତ୍ୱରେ ଏହି ମକଡ୍ରିଲ କରାଯାଇଥିଲା । ଏଥିରେ ଜୋନ ୫ ଅଧିନସ୍ଥ ଚାଉଳିଆଗଞ୍ଜ ଥାନା, ସିଆରଆରଆଇ ଥାନା ଓ କନ୍ଦରପୁର ଥାନା ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଛକ ଗୁଡ଼ିକରେ ପିସିଆର୍ ରଖି ଡ୍ରିଲ୍ କରାଯାଇଥିଲା । ସଚେତନତା ସୃଷ୍ଟି କରିବା ସହିତ ଅପରାଧିଙ୍କୁ ସାବାଡ୍ କରିବାକୁ ଏହି ସ୍ୱତନ୍ତ୍ର ପାଟ୍ରୋଲିଂ କରାଯାଉଛି ।

ମକଡ୍ରିଲ ଅନୁଯାୟୀ, ଆଜି ମଧ୍ୟାହ୍ନରେ ନୂଆ ବଜାର ଛକ ଠାରେ ୨ଟି ଗୋଷ୍ଠୀ ମଧ୍ୟରେ ମାରପିଟ ହେଉଥିଲା । ଏହି ସୂଚନା ପାଇ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅପରାଧୀଙ୍କୁ କାବୁ କରିଥିଲେ । ତତ୍‌ସହିତ ଆହତ ବ୍ୟକ୍ତିଙ୍କୁ ମେଡିକାଲ ପଠାଇବା ସହିତ କିଭଳି ଭିଡକୁ ନିୟନ୍ତ୍ରଣ କରାଯାଉଛି ତାହାର ଡେମୋ ଦେଖାଇଥିଲେ । ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଘଟଣା ପରେ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ନିର୍ଦ୍ଦେଶକ୍ରମେ ଶନିବାରଠାରୁ ସହରରେ ପୁଣି ଥରେ କନଭେ ପାଟ୍ରୋଲିଂ ଆରମ୍ଭ ହୋଇଛି । ସମସ୍ତ ବରିଷ୍ଠ ପୁଲିସ ଅଧିକାରୀ ଏକାଠି ଗୋଟିଏ ରାସ୍ତାରେ ଯାଇ ପାଟ୍ରୋଲିଂ କରୁଛନ୍ତି । ଅସାମାଜିକ ଓ ଅପରାଧୀଙ୍କୁ ସାବାଡ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଶହ ଶହ ଯୁବକ ରାସ୍ତା କଡରେ ବସି ମଦ ପିଇବା ସହିତ ରୁଣ୍ଡ ହୋଇ ଖଟି କରୁଛନ୍ତି । ମଦୁଆ ଓ ଖଟି କରୁଥିବା ଯୁବକଙ୍କୁ ଘଉଡାଇବା ପାଇଁ ଏହି ପାଟ୍ରୋଲିଂ କରାଯାଉଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ଆଗକୁ ଅନ୍ୟ ଜୋନ ଗୁଡିକରେ ମଧ୍ୟ ଏଭଳି ପାଟ୍ରୋଲିଂ କରାଯିବ ।

ସେହିପରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଯେଉଁ ଦୋକାନ ଗୁଡିକ ମନଇଚ୍ଛା ଖୋଲୁଛନ୍ତି ସେମାନଙ୍କୁ ମଧ୍ୟ ରାତି ସାଢେ ୧୦ ଭିତରେ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗତ ବର୍ଷ ଦଶହରା ଭସାଣି ଗଣ୍ଡଗୋଳ ପରେ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ପ୍ରଥମ ଥର କନଭେ ପାଟ୍ରୋଲିଂ ଆରମ୍ଭ ହୋଇଥିଲା । ଏ ସମ୍ପର୍କରେ ଏସିପି ସୁଧାଂଶୁ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, କଟକ ସହର ଓ ଗ୍ରାମାଞ୍ଚଳରେ ଦିନକୁ ଦିନ ଭିଡ ହିଂସା ଘଟଣା ବୃଦ୍ଧି ପାଉଥିବାରୁ ପୁଲିସ ପକ୍ଷରୁ ଏହି କନ୍‌ଭେ ପାଟ୍ରୋଲିଂକୁ ଆହୁରି ଜୋରଦାର କରାଯାଇଛି । ଲୋକମାନଙ୍କ ମଧ୍ୟରେ ଆଇନ-ଶୃଙ୍ଖଳା ଉପରେ ଆସ୍ଥା ବଢ଼ାଇବା ସହ ଅପରାଧ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏହି ବିଶେଷ ପାଟ୍ରୋଲିଂ କାର୍ଯ୍ୟକ୍ରମ ଚାଲିଛି । ସନ୍ଧ୍ୟା ସମୟରେ ବଜାର ଅଞ୍ଚଳ, ଜନଗହଳିପୂର୍ଣ୍ଣ ସ୍ଥାନ ଓ ସମ୍ବେଦନଶୀଳ ଇଲାକାରେ କନ୍‌ଭେ ଭାବେ ପୁଲିସ ଗାଡ଼ି ଚଳାଚଳ କରୁଛି । ଏଥିରେ ଥାନା ଅଧିକାରୀ, ସଶସ୍ତ୍ର ପୁଲିସ ଓ ଟ୍ରାଫିକ କର୍ମଚାରୀମାନେ ଯୋଗଦେଇଛନ୍ତି । ସନ୍ଦେହଜନକ ବ୍ୟକ୍ତି ଓ ଅସାମାଜିକ ଲୋକଙ୍କ ଉପରେ କଡା ନଜର ରଖାଯାଉଛି । ପୁଲିସ କମିଶନର ଏସ.ଦେବଦତ୍ତ ସିଂ କହିଛନ୍ତି ଯେ, ସୋସିଆଲ ମିଡିଆରେ ଭୁଲ ଗୁଜବ ପ୍ରଚାର ହେତୁ ଅନେକ ସମୟରେ ଭିଡ ହିଂସା ଘଟୁଛି । ତେଣୁ ଲୋକମାନଙ୍କୁ ଗୁଜବରେ ବିଶ୍ୱାସ ନକରି ଯେକୌଣସି ସନ୍ଦେହଜନକ ଘଟଣା ସମ୍ପର୍କରେ ତୁରନ୍ତ ପୁଲିସକୁ ଜଣାଇବାକୁ ସେ ଅନୁରୋଧ କରିଛନ୍ତି । ସ୍ଥାନୀୟ ଲୋକମାନେ ପୁଲିସର ଏହି ମକ୍‌ଡ୍ରିଲକୁ ସ୍ୱାଗତ କରିଥିବା ବେଳେ, ନିୟମିତ ପାଟ୍ରୋଲିଂ ଦ୍ୱାରା ଅଞ୍ଚଳରେ ଶାନ୍ତି ଓ ସୁରକ୍ଷା ବଜାୟ ରହିବ ବୋଲି ଆଶା ପ୍ରକାଶ କରିଛନ୍ତି ।

## ହରିପୁରରେ ରୁଦ୍ର ମହାଯଜ୍ଞ ଓ ଅଷ୍ଟତ୍ରିଂଶ ଶମ୍ଭୁ ମିଳନ

ଚିଲିକା, ୧୭।୫(ସମିସ): ପ୍ରତିବର୍ଷ ପରି ଚଳିତବର୍ଷ ଚିଲିକା ବ୍ଲକ ଅନ୍ତର୍ଗତ ହରିପୁରଠାରେ ବିଜେ ପଶ୍ଚିମାଭିମୁଖୀ ଶମ୍ଭୁ ଶ୍ରୀପ୍ରତାପେଶ୍ୱର ଦେବଙ୍କ ପୀଠରେ ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସପ୍ତଦିବସ ବ୍ୟାପୀ ରୁଦ୍ର ମହାଯଜ୍ଞ ଓ ଅଷ୍ଟତ୍ରିଂଶ ଶମ୍ଭୁମିଳନ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେହ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା, ଶ୍ରୀମଦ୍ ଭାଗବତ ପାଠ, ଚଣ୍ଡୀପାଠ ଓ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥାଏ । ୧୩, ୧୪ ଓ ୧୫ ତାରିଖ ତ୍ରିଦିବସ ରୁଦ୍ରାଭିଷେକ ସହ ରାମ ତାରକ ମନ୍ତ୍ରଲିଖିତ ଏକ ଲକ୍ଷ ପଚିଶ ସହସ୍ର ବିଲ୍ୱଦଳ ଶ୍ରୀ ଶ୍ରୀ ପ୍ରତାପେଶ୍ୱର ଦେବଙ୍କୁ ଅର୍ପଣ କରାଯାଇଥିଲା । ୧୭ ତାରିଖ ରବିବାର ଦିନ ଯଜ୍ଞର ପୂର୍ଣ୍ଣାହୂତି ଦିବସରେ ଶ୍ରୀଶ୍ରୀ ପ୍ରତାପେଶ୍ୱର ଦେବଙ୍କ ଆମନ୍ତ୍ରଣ କ୍ରମେ ୩୮ ଶମ୍ଭୁ, ୬ ବିଷ୍ଣୁ ପ୍ରତିମା



ଓ ୯ କାଠି ଠାକୁରାଣୀ ବିଜେ କରିବା ପରେ ମହାଯଜ୍ଞରେ ସମସ୍ତଙ୍କୁ ଆହୂତି ପ୍ରଦାନ କରାଯାଇ ଥିଲା । ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ହେବାପରେ ସମସ୍ତ ଠାକୁର ମେଳନ ପଡ଼ିଆକୁ ବିଜେ କରିଥିଲେ । ସେଠାରେ ୩୮ ଶମ୍ଭୁ, ୬ ବିଷ୍ଣୁ ପ୍ରତିମା ଓ ୯ କାଠି ଠାକୁରାଣୀ ମେଳଣ ପଡ଼ିଆକୁ ବିଜେ କରିବା ପରେ ମେଳଣ ଆରମ୍ଭ ହୋଇଥିଲା । ଠାକୁରମାନେ ମେଳଣ ପଡ଼ିଆରେ ସପ୍ତଘେରା ପ୍ରଦକ୍ଷିଣ କରିଥିଲେ । ଠାକୁରମାନଙ୍କ ମେଳଣ ସମୟରେ ଆତସବାଜିର ଆଲୋକମାଳା ମନ ମୋହିଥିଲା ।

## ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ: ବାଲୁଙ୍କେଶ୍ୱର ଚାମ୍ପିଅନ




ବେଗୁନିଆ, ୧୭।୫(ସମିସ): ଗ୍ରାମାଞ୍ଚଳରେ ଯୁବକ-ଯୁବତୀମାନଙ୍କୁ ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ଓ ସୁପ୍ତ ପ୍ରତିଭାକୁ ଲୋକଲୋଚନକୁ ଆଣିବା 'ଆର୍ଟ ଅଫ୍ ଗିଭିଂ'ର ମୁଖ୍ୟ ଲକ୍ଷ୍ୟ । ଏହାର ୧୩ ତମ ବାର୍ଷିକ ଉତ୍ସବ ଉପଲକ୍ଷେ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କ ପ୍ରେରଣାରେ ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ଗୋଡି ଗ୍ରାମରେ ଶନିବାର ଏକ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି । ଏଥିରେ ଚାରୋଟି ଦଳ ଅଂଶଗ୍ରହଣ କରିଥିଲେ । ଖେଳାଳିମାନଙ୍କୁ ଭଲିବଲ, ନେଟ୍, ଟୋପି ଓ ଟି-ସାର୍ଟ ପ୍ରଦାନ କରି ଖେଳର ଶୁଭାରମ୍ଭ କରାଯାଇଥିଲା । ପୁରସ୍କାର ବିତରଣ ସଭାରେ ୱାର୍ଡସଭ୍ୟ ତ୍ରିଲୋଚନ ନାୟକ ଓ ସମାଜସେବୀ ଗୌର ଚରଣ ଜେନା ଅତିଥି ଭାବେ ଯୋଗଦେଇ ଚାମ୍ପିଅନ୍ ବାଲୁଙ୍କେଶ୍ୱର ଦଳ ଓ ଉପବିଜେତା ନିୟୁ ଷ୍ଟାର ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଖେଳକୁ ରେଫେରୀ ମାନସ କୁମାର ନାୟକ ଓ ଇନ୍ଦ୍ରଜିତ ପଟ୍ଟନାୟକ ପରିଚାଳନା କରିଥିଲେ । ସଦସ୍ୟ ଚନ୍ଦନ କୁମାର ରଣସିଂହ, ସୁବାସ ଚନ୍ଦ୍ର ସେଠୀ ଓ ବିଶ୍ୱ ରଞ୍ଜନ ସୁନ୍ଦରାୟ ପ୍ରମୁଖ ସହଯୋଗ କରିଥିଲେ ।

## ପୁଲିସର ସ୍ୱତନ୍ତ୍ର ୱାରେଣ୍ଟ ଡ୍ରାଇଭ: ଦିନକରେ ୫୦ ଗିରଫ

ଖୋର୍ଦ୍ଧା, ୧୭।୫(ସମିସ): ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ପୁଲିସ ପକ୍ଷରୁ ଚଳିତ ମାସ ୧୩ ତାରିଖରୁ ସ୍ପେସାଲ ଡ୍ରାଇଭ୍ ଜାରି ରହିଛି । ଗଠିତ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ଅପରାଧିଙ୍କୁ ଗିରଫ କରିଛନ୍ତି । ଗିରଫ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଆଜି ଗୋଟିଏ ଦିନରେ ଜିଲ୍ଲା ପୁଲିସ ଅଧିନରେ ରହିଥିବା ୧୦ଟି ଥାନା ଅଞ୍ଚଳରୁ ୫୦ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି । ଜଙ୍କିଆ ଥାନାରେ ସର୍ବାଧିକ ୧୩ଜଣ ଗିରଫ ହୋଇଥିବାବେଳେ ଆଦର୍ଶ ଥାନାରେ ୧୦ଜଣ, ସଦର ଥାନାରେ ୮ ଜଣ, ବେଗୁନିଆ ଥାନାରେ ୩ ଜଣ, ବୋଲଗଡ଼ ଥାନାରେ ୪ଜଣ, ନିରାକାରପୁରରେ ୨ଜଣ, ଟାଙ୍ଗୀ ୩ ଜଣ, ନାଚୁଣୀ ୨ ଜଣ, ବାଲୁଗାଁ ୨ ଜଣ ଓ ବାଣପୁର ଥାନାରେ ୩ ଜଣ ୱାରେଣ୍ଟିକୁ ଗିରଫ କରାଯାଇଛି ।

## ନିରାକାରପୁରରେ ମାଙ୍କଡ଼ଙ୍କ ଆତଙ୍କ

● ୪୫ରୁ ଅଧିକ ଲୋକଙ୍କୁ କାମୁଡ଼ିଲାଣି

● ବନ ବିଭାଗର ନିଷ୍କ୍ରିୟତାକୁ ନେଇ ଜନଅସନ୍ତୋଷ

ନିରାକାରପୁର, ୧୭।୫(ସମିସ): ନିରାକାରପୁର ଅଞ୍ଚଳରେ ମାଙ୍କଡ଼ଙ୍କ ପ୍ରାଦୁର୍ଭାବ ଏବେ ଚରମ ସୀମାରେ । ୪୮ ଘଣ୍ଟାରେ ଜଣେ କୋମଳମତି ଶିଶୁ ଓ ଜଣେ ବୃଦ୍ଧ ମାଙ୍କଡ଼ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି । ପ୍ରଶାସନର ନିରବତା ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି । ସୂଚନା ଅନୁଯାୟୀ, ନିରାକାରପୁର ନୀଳକଣ୍ଠପୁର ପଞ୍ଚାୟତ ମଞ୍ଜାରିଆପାଟଣା ଗ୍ରାମର ଆୟୁଷ ବାହୁବଳେନ୍ଦ୍ର ନାମକ ଜଣେ ପ୍ରଥମ ଶ୍ରେଣୀ ଛାତ୍ର ଟ୍ୟୁସନ ସାରି ଘରକୁ ଫେରୁଥିବାବେଳେ ଏକ ମାଙ୍କଡ଼ ତାଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡ଼ି କ୍ଷତବିକ୍ଷତ କରିଦେଇଥିଲା । ସେହିପରି ଆଜି ଗ୍ରାମର ରବିନାରାୟଣ ଗଜେନ୍ଦ୍ର (୬୪) ମଧ୍ୟ ମାଙ୍କଡ଼ ଆକ୍ରମଣରେ ଗୁରୁତର ହୋଇଛନ୍ତି । ଉଭୟଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । କେବଳ ଏହି ଦୁଇଟି ଘଟଣା ନୁହେଁ, ବରଂ ନିରାକାରପୁରର ପ୍ରତିଟି ଗଳିକନ୍ଦିରେ ଏବେ ମାଙ୍କଡ଼ଙ୍କ ରାଜ୍ ଚାଲିଛି । ଏବେ ବେଶୀ ସେମାନେ ନିଜକୁ ମଞ୍ଜାରିଆପାଟଣାରେ ସୁରକ୍ଷିତ ମଣି ଲୋକମାନଙ୍କୁ ଆକ୍ରମଣ କରୁଛନ୍ତି । ବହିବସ୍ତାନି କିମ୍ବା ଟିଫିନ ବ୍ୟାଗ ଦେଖିଲେ ଝାମ୍ପି ନେବା ସହ ଆକ୍ରମଣ କରୁଛନ୍ତି । ଘର ଭିତରକୁ ପଶି ଖାଦ୍ୟ ସାମଗ୍ରୀ ଲୁଟିବା ସହ ଆସବାବପତ୍ର ଭାଙ୍ଗି ନଷ୍ଟ କରିଦେଉଛନ୍ତି । ସକାଳୁ ଭ୍ରମଣରେ ବାହାରୁଥିବା ବ୍ୟକ୍ତି ଓ ବଜାରକୁ ଯାଉଥିବା ଲୋକେ ହାତରେ ବାଡ଼ି ନ ଧରି ବାହାରକୁ ବାହାରୁ ନାହାନ୍ତି । ମାଙ୍କଡ଼ଙ୍କ ଏଭଳି ଉପଦ୍ରବ ନେଇ ବାରମ୍ବାର ବନ ବିଭାଗ ଓ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ବନ ବିଭାଗର ଏଭଳି ଦାୟିତ୍ୱହୀନତାକୁ ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ତୁରନ୍ତ ଦକ୍ଷ ମାଙ୍କଡ଼ ଧରାଳି ଆଣି ମାଙ୍କଡ଼ମାନଙ୍କୁ ଜନବସତିରୁ କାବୁ କରି ନେବାକୁ ଦାବି ହେଉଛି । ନଚେତ୍ ଆଗାମୀ ଦିନରେ ଅଞ୍ଚଳବାସୀ ରାଜପଥ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି ।

## ବ୍ରଜବନ୍ଧୁ ପରିଡ଼ାଙ୍କ ବିୟୋଗରେ ଶୋକ



ଖୋର୍ଦ୍ଧା, ୧୭।୫(ସମିସ): ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର ଉପଦେଷ୍ଟା, କଳିଙ୍ଗ ପାଇକ ସଂଗଠନ ଓ ଭୁବନେଶ୍ୱର ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ସଂସଦର ସଦସ୍ୟ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ତଥା ରଣଭୂଇଁ ପତ୍ରିକାର ସମ୍ପାଦକ ବ୍ରଜବନ୍ଧୁ ପରିଡ଼ାଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୭୩ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ନବୀନାବାଗସ୍ଥିତ କଳିଙ୍ଗ ପାଇକ ସଂଗଠନ କାର୍ଯ୍ୟାଳୟଠାରେ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ହରିଚନ୍ଦନ ଓ ସମ୍ପାଦକ ସଂଗ୍ରାମ କେଶରୀ ଜଗଦ୍ଦେବ, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ପ୍ରତିଷ୍ଠାତା ସତ୍ୟବାଦୀ ବଳିଆରସିଂହ, ସମାଜସେବୀ ବୈଦ୍ୟନାଥ ବରାଳ, ଅବସରପ୍ରାପ୍ତ ଫ୍ଲାଇଟ ଲେଫଟନାଂଟ ବିଦ୍ୟାଧର ଲେଙ୍କା, କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଲକ୍ଷ୍ମୀଧର ସାମନ୍ତରାୟ ତାଙ୍କ ଗୁଣାବଳୀ ବର୍ଣ୍ଣନା କରି ଶୋକ ବ୍ୟକ୍ତ କରିଥିଲେ । ରମେଶ ଚନ୍ଦ୍ର ପାତାଳସିଂହ ଧନ୍ୟବାଦ ଦେଇଥିଲେ ।

# ବାଲୁଗାଁ ବାଣପୁରେ ପେଟ୍ରୋଲ ସଙ୍କଟ

ବାଲୁଗାଁ, ୧୭।୫(ସମିସ)

ରାଜ୍ୟରେ ଡବଲ ଇଂଜିନ ବିଜେପି ସରକାର ଆସିବା ଦିନଠାରୁ ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହିଥିବା ବେଳେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପ୍ରଭାବରୁ ଆମ ଦେଶରେ ଦେଖାଦେଇଛି ଅନେକ ସମସ୍ୟା । ରନ୍ଧନ ଗ୍ୟାସ ସମସ୍ୟା ସାଙ୍ଗକୁ ନିତ୍ୟ ବ୍ୟବହାର ସାମଗ୍ରୀର ଦରଦାମ ହୁ ହୁ ହୋଇ ବଢ଼ି ଚାଲିଛି । ରାଜ୍ୟରେ ରନ୍ଧନ ଗ୍ୟାସର ଅଭାବ ନଥିବା ସହ ପେଟ୍ରୋଲ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଅଛି ବୋଲି ବିଭାଗୀୟ ମନ୍ତ୍ରୀ କହୁଥିବା ବେଳେ ହେଲେ ବାସ୍ତବରେ ରନ୍ଧନ ଗ୍ୟାସ ଅଭାବ ସାଙ୍ଗକୁ ଦରଦାମ ବୃଦ୍ଧି ଲାଗି ରହିଥିବାରୁ ଲୋକେ ଏଥିରେ ଅତିଷ୍ଠ ହୋଇପଡ଼ିଥିବା ବେଳେ ବର୍ତ୍ତମାନ ତୈଳ ସଙ୍କଟ ସାଧାରଣ ଲୋକଙ୍କ ପାଇଁ ବେଡି ଉପରେ କୋରଡ଼ା ମାଡ଼ ସଦୃଶ ହୋଇପଡ଼ି ଚିନ୍ତାର କାରଣ ପାଲଟିଛି । ଏଥିସହିତ ରାଜ୍ୟରେ ପୂର୍ବରୁ ଗ୍ୟାସ ଦର ବୃଦ୍ଧି ପାଇଥିବା ବେଳେ ବର୍ତ୍ତମାନ ସରକାର ତୈଳ ଦର ମଧ୍ୟ ବୃଦ୍ଧି କରିଛନ୍ତି । ଲୋକଙ୍କ ଆବଶ୍ୟକ ମୁତାବକ ରନ୍ଧନ ଗ୍ୟାସ ମିଳୁ ନଥିବା ସ୍ଥଳେ ପେଟ୍ରୋଲ ଓ ଡିଜେଲର ଅଭାବ ଏବେ ଅଧିକ ଚିନ୍ତାର କାରଣ ପାଲଟିଛି । ବାଲୁଗାଁ ବଜାରରେ ଦୁଇଗୋଟି ପେଟ୍ରୋଲ ପମ୍ପ ଥିବାବେଳେ ଗୋଟିଏ ପମ୍ପ ପ୍ରାୟ ଦେଢ ମାସ ହେବ ବନ୍ଦ ରହିଛି । ଅନ୍ୟ ଗୋଟିଏ ପେଟ୍ରୋଲ ପମ୍ପ ଖୋଲା ଥିଲେ ମଧ୍ୟ ସେଠାରେ ପେଟ୍ରୋଲ ମିଳିବା ଦିନ ପ୍ରବଳ ଭିଡ ଦେଖିବାକୁ ମିଳୁଛି । ଉକ୍ତ ପମ୍ପରେ ଦୁଇ ଚକିଆ ଓ ଚାରି ଚକିଆ ଗାଡି ଧରି ଲୋକେ ପେଟ୍ରୋଲ ଓ ଡିଜେଲ ପାଇଁ ଲମ୍ବା ଧାଡିରେ ଖରା ତରାରେ ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ରହୁଥିବା ଦେଖିବାକୁ ମିଳୁଛି । ହେଲେ ସହରର ଅବଶ୍ୟକତା ମୁତାବକ ଗୋଟିଏ ପେଟ୍ରୋଲ ପମ୍ପ ପୂରଣ କରିପାରୁ ନଥିବା ବେଳେ ମଝିରେ ମଝିରେ ତେଲ ଶେଷ ହୋଇଯିବାରେ ପମ୍ପ ବନ୍ଦ ରହୁଛି । ବର୍ତ୍ତମାନ ତନି ଦିନ ହେବ ଉକ୍ତ ପମ୍ପଟି ପେଟ୍ରୋଲ ଡିଜେଲ ନଥିବାରୁ ବନ୍ଦ ହୋଇ ପଡ଼ିଛି । ଅନ୍ୟପକ୍ଷେ ବାଲୁଗାଁଠାରୁ ଚାରି କିଲୋମିଟର ଦୂର ଆଙ୍କୁଲା ସ୍ଥିତ ପେଟ୍ରୋଲ ପମ୍ପଟି ଏବେ ଦୀର୍ଘ ଏକ ମାସରୁ ଉର୍ଦ୍ଧ୍ୱ ହେବ ବନ୍ଦ ହୋଇ ପଡ଼ିଥିବା ବେଳେ ବାଲୁଗାଁ ବାଣପୁର ବାଇପାସ ରାସ୍ତାର ବେଲପଡ଼ା ଛକ ସ୍ଥିତ ପେଟ୍ରୋଲ ପମ୍ପରେ ମଧ୍ୟ ସମାନ ଅବସ୍ଥା । ସେଠାରେ ଦୁଇ ଦିନ ପେଟ୍ରୋଲ ମିଳିଲେ ଦୁଇ ଦିନ ବନ୍ଦ ରହୁଛି । ସେହିପରି ବାଣପୁର ସହରରେ ଥିବା ଏକମାତ୍ର ପେଟ୍ରୋଲ ପମ୍ପରେ ଦିନେ ପେଟ୍ରୋଲ ଡିଜେଲ ମିଳିଲେ ଦିନେ ବନ୍ଦ ରହୁଥିବା ବେଳେ ଶୁକ୍ରବାର ଠାରୁ ବର୍ତ୍ତମାନ ଦୁଇଦିନ ହେବ ତେଲ ନଥିବାରୁ ପମ୍ପଟି ବନ୍ଦ ହୋଇପଡ଼ିଛି । ତେଲ ଅଭାବ ଯୋଗୁଁ ଏବେ ଅଞ୍ଚଳରେ ବହୁ ଅଟୋ, କାର ଓ ବସ ଚଳାଚଳ ବନ୍ଦ ହୋଇ ପଡ଼ିଥିବା ବେଳେ ଲୋକେ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ନାହିଁ ନଥିବା ହଇରାଣ ହରକତ ହେଉଥିବା ଜଣାଯାଇଛି । ରାଜ୍ୟ ସରକାରଙ୍କ ପେଟ୍ରୋଲ ଡିଜେଲ ଯୋଗାଣରେ ସମସ୍ୟା ଥିବାରୁ ଏପରି ପରିସ୍ଥିତି ଦେଖାଦେଇଛି ବୋଲି ପେଟ୍ରୋଲ ପମ୍ପ ମାଲିକ କହୁଛନ୍ତି । ଯଦି ଅଞ୍ଚଳରେ ଏଭଳି ପରିସ୍ଥିତି ଯଦି ଲାଗି ରହିବ ତେବେ ଆଗକୁ ଯାତାୟତ ସମ୍ପୂର୍ଣ୍ଣ ଠପ ହୋଇଯିବାକୁ ଏଡାଇ ହେବନି । ସରକାର ଏଥିପ୍ରତି ଦୃଷ୍ଟି ଦେଇ ଅଞ୍ଚଳରେ ଆବଶ୍ୟକ ମୁତାବକ ପେଟ୍ରୋଲ ଡିଜେଲ ଯୋଗାଇ ଦେବାକୁ ସାଧାରଣରେ ଦୃଢ ଦାବି ହେଉଛି ।






## ଟ୍ରେନ୍‌ରେ କଟି ବୃଦ୍ଧଙ୍କ ମୃତ୍ୟୁ

ବେଗୁନିଆ, ୧୭।୫(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ଭୂଇଁପୁର ଶିଙ୍ଖାଞ୍ଚଳ ନିକଟରେ ଶନିବାର ରାତିରେ ପାରିବାରିକ କଳହକୁ ନେଇ ରେଳ ଧାରଣାରେ ଜଣେ ବୃଦ୍ଧ ଆତ୍ମହତ୍ୟା କରିଛନ୍ତି । ରବିବାର ଖୋର୍ଦ୍ଧା ରୋଡ ଡିଭିଜନର ଜିଆର୍‌ପି ଉପ ନୀରିକ୍ଷକ ଆର୍ ଶଙ୍କର ରାଓଙ୍କ ନିର୍ଦ୍ଦେଶରେ ସହାୟକ ଉପନୀରିକ୍ଷକ ଯଶୋଦା ଗଗରାଇ ଘଟଣା ସ୍ଥଳରେ ପହଁଚି ଶବକୁ ଜବତ ସହ ନଂ.୨୭/୨୬ରେ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ । ତେବେ ଶ୍ରୀମତୀ ଗଗରାଇଙ୍କ ସୂଚନା ଅନୁଯାୟୀ ଶନିବାର ଦିନ ରାତ୍ରରେ ପୁରୀ - ଦଶପଲ୍ଲା ମେମୋ ଟ୍ରେନ ଯାଉଥିବାବେଳେ ବେଗୁନିଆ ଥାନା ଅନ୍ତର୍ଗତ ଡିଙ୍ଗର ଗ୍ରାମର ସ୍ୱର୍ଗତ ଭରତ ବେହେରାଙ୍କ ପୁତ୍ର ପାଣ୍ଡବ (୬୪) ପାରିବାରିକ କଳହରୁ ରେଳ ଧାରଣାରେ ମୁଣ୍ଡ ଦେଖାଇ ଦେଇଥିଲେ । ଫଳରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ଖବର ପାଇ ପରିବାର ସଦସ୍ୟ କୌଣସି ସୂତ୍ରରୁ ସୂଚନା ପାଇ ଶବ ଚିହ୍ନଟ କରି ଶବ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର ହୋଇଥିଲା ।

